## Government of Odisha
## Department of Women & Child Development

**File No. WCD-ICDS-M-SCHM-0003-2024** 19188 **/WCD, Dt.** 29.08.2024

From

Shri Jyotishankar Mohapatra, OAS
Joint Secretary to Government

To

All Collectors/Municipal Commissioners

Sub: Forwarding of SUBHADRA Guidelines (English & Odia)-reg.

Madam/ Sir,

I am directed to enclose herewith the guideline of **"SUBHADRA"** – a State flagship scheme both in English and Odia for information and necessary action at your end.

Yours faithfully,

29/8/24
Joint Secretary to Government

Memo No. 19189 /WCD, Dt. 29.08.2024

Copy forwarded to PS to Hon'ble Chief Minister/ Hon'ble Deputy Chief Minister/ PS to Chief Secretary/ PS to DC-cum-ACS/ PS to Principal Secretary, E & IT Department for kind information of Hon'ble Chief Minister/ Hon'ble Deputy Chief Minister/ Chief Secretary/ DC-cum-ACS/ Principal Secretary, E & IT Department.

29/8/24
Joint Secretary to Government

Memo No. 19190 /WCD, Dt. 29.08.2024

Copy forwarded to All RDCs for information & necessary action.

29/8/24
Joint Secretary to Government

Memo No. 19191 /WCD, Dt. 29.08.2024

Copy forwarded to GM, OCAC for information & necessary action.

29/8/24
Joint Secretary to Government

ସୁଭଦ୍ରା

# A FLAGSHIP SCHEME FOR THE WELFARE OF THE WOMEN OF THE STATE

# GUIDELINES

**August, 2024**

**WOMEN AND CHILD DEVELOPMENT DEPARTMENT**

## TABLE OF CONTENTS


| Sl. NO | TOPIC | PAGE NUMBER |
|---|---|---|
| 1. | INTRODUCTION | 3 |
| 2. | GOALS & OBJECTIVES | 3 |
| 2.1. | Goals | 3 |
| 2.2. | Objectives | 3 |
| 3 | BENEFITS UNDER SUBHADRA | 3 |
| 4 | TARGETED BENEFICIARIES AND COVERAGE | 4 |
| 5 | ELIGIBLE BENEFICIARIES | 4 |
| 5.1. | Eligibility Criteria | 4 |
| 5.2. | Ineligibility Criteria | 4 |
| 6. | IDENTIFICATION OF BENEFICIARIES | 5 |
| 7. | REQUIREMENTS TO RECEIVE BENEFIT UNDER SUBHADRA | 5 |
| 8. | RESPONSIBILITIES OF THE APPLICANTS / BENEFICIARIES | 6 |
| 9. | MONITORING & EVALUATION MECHANISM | 6 |
| 9.1. | Steering and Monitoring Committees | 6 |
| 9.2. | SUBHADRA Society | 8 |
| 9.3. | Periodic Evaluation | 8 |
| 10. | GRIEVANCE | 8 |
| 11. | TRANSPARENCY | 9 |
| 12. | NODAL DEPARTMENT | 9 |

## 1. INTRODUCTION

a. The State of Odisha has consistently demonstrated strong political will and commitment towards improving the status and condition of women. The state has enacted numerous landmark legislations, policies, schemes, and programs that prioritize and mainstream women in the development agenda and make them the focus of the developmental discourse. However, as various indices show, many areas still require considerable attention.

b. In this context, the Government has launched SUBHADRA, a flagship scheme, to financially empower women, and provide safety nets to them and their families. This is a comprehensive initiative that aims to uplift women through multiple facets of their lives and to demonstrate the Government's resolve to strengthen a social fabric that provides women with the tools and opportunities for their empowerment.

## 2. GOAL & OBJECTIVES

### 2.1. Goals

To empower women by offering financial support, improving awareness of their rights, improving health and educational outcomes, promoting financial independence and entrepreneurship, encouraging digital financial literacy, and fostering personal and professional growth.

### 2.2. Objectives

a. To provide a financial safety net to women and their families and improving their socio-economic profile.
b. To provide income support to eligible women thereby promoting their role as valuable members of society.
c. To improve health, nutritional, and educational outcomes for women and their families.
d. To enhance financial inclusion by encouraging financial independence for women, enabling their economic empowerment.
e. To empower women to undertake digital transactions and provide them with opportunities to do so.
f. To enhance their influence and independence in decision-making processes, thereby creating opportunities for personal and professional growth.

## 3. BENEFITS UNDER SUBHADRA

a. To create a sense of identity and empowerment, all beneficiaries would be provided a SUBHADRA Card (ATM-cum-debit card).
b. All eligible beneficiaries would receive Rs. 50,000/- (@ Rs. 10,000/- per annum between 2024-25 to 2028-29 over a period of 5 years), provided they fulfil the eligibility conditions every year.
c. The annual installment of Rs. 10,000/- will be credited in two instalments of Rs. 5,000 each.
d. The 1st instalment would be released on the occasion of Rakhi Purnima and the 2nd instalment on International Women's Day (08th March).
e. The amount will be credited through DBT using the Aadhaar Payments Bridge System into the Aadhaar-enabled and DBT-enabled single-holder bank account in the name of the beneficiary.
f. To incentivize and encourage digital transactions, the Government will launch a comprehensive rewards and recognition program. Under this, 100 women in each Gram Panchayat/ Urban Local Body who undertake the highest number of digital transactions, in a

particular financial year in each of the GP / ULB would receive an additional benefit of Rs.500 in their bank account. A detailed SOP for this would be notified in due course.

## 4. TARGETTED BENEFICIARIES AND COVERAGE

a. This scheme will be operationalized in all the 30 districts of the State for the period 2024-2025 to 2028-2029.
b. Any woman who meets the eligibility criteria will be covered under the scheme.

## 5. ELIGIBLE BENEFICIARIES

### 5.1. Eligibility Criteria

The women beneficiary must meet the following eligibility criteria to avail the benefits of this scheme:

a. The applicant must be a resident of Odisha.
b. The applicant should be covered under National Food Security Act (NFSA) / State Food Security Scheme (SFSS). Any woman from a family without an NFSA or SFSS Card can apply under SUBHADRA if her family income is not more than Rs. 2.50 lakh (Rupees Two Lakhs and Fifty Thousand only).
c. To be eligible under the scheme, the applicant's age should be 21 years or more and less than 60 years as on the qualifying date. The date of birth, as recorded in the Aadhaar card would be taken as the final date for the calculation of her age.
d. For financial year 2024-25, the woman must be 21 years or more and less than 60 years, as on 01.07.2024. Therefore, the applicant must be born on 02.07.1964 or later and born on 01.07.2003 or earlier. The date of birth, as recorded in the Aadhaar card would be taken as the final date for the calculation of her age.
e. For 2024-25, if a woman attains the age of 21 years after 01.07.2024, she will get Rs.10,000 per year, only for the remaining years of the scheme period. In 2024-25, women who complete 60 years of age after 01.07.2024, will not receive the benefits for the remaining years of the scheme period.

### 5.2. Ineligibility Criteria

Women falling under any of the following categories shall be ineligible to receive the benefits under the scheme:

a. Any woman receiving financial assistance such as pension, scholarship etc. of Rs.1500 per month or more or Rs.18,000 per annum or more under any State or Central Government Scheme would be ineligible.

b. Any woman who either herself or whose family member is: -
   i. A current or former Member of Parliament (MP) or Member of the Legislative Assembly (MLA).
   ii. An Income Tax Payee.
   iii. An elected public representative in any Urban Local Body or Panchayati Raj Institution (excluding Ward Member / Councillor)
   iv. Employed as a regular or contractual employee in State Government or Government of India or Public Sector Undertaking or Board or Local Body or Government Organization or is receiving pension after retirement. However, all workers receiving honorarium such as ASHA, Anganwadi Worker, Community Resource Person, Master Book Keeper,

etc. and all those engaged through outsourcing agencies would be considered, if otherwise eligible under this Scheme.

v. An elected / nominated / appointed representative in any Government Department or Undertaking or Board or Organization of Government of India or State Government.

vi. An owner of a 4-wheeler Motor Vehicle except tractors, mini-trucks, small commercial vehicles and other similar light goods vehicles.

c. The family of the applicant owns more than 5 acres of irrigated land or 10 acres of non-irrigated land.

[**N.B:** For the purpose of this Scheme, the definition of family would be as defined in National Food Security Act (NFSA) / State Food Security Scheme (SFSS).]

## 6. IDENTIFICATION OF BENEFICIARIES

a. All eligible women would be required to apply for availing benefits under the scheme.
b. The applications may be made offline through a printed form, as well as online through SUBHADRA portal.
c. Sufficient pre-printed application forms will be made available free of cost at different locations such as Anganwadi Centres, Block Offices, Urban Local Body Offices, Mo Seba Kendras, Common Service Centre, etc.
d. The applicant will have to fill the form and submit the same at the nearest Mo Seba Kendra / Common Service Centre.
e. In case of any discrepancy in the form submitted by the applicant and the Aadhaar, the information as present in Aadhaar would be taken as final.
f. All applications collected will be verified against the database available with the Government and also through field enquiry, wherever required
g. All applicants would be required to self-certify themselves on their eligibility under SUBHADRA, submit related undertakings and complete e-KYC formalities. The preferred mode of e-KYC would be through face-authentication whereby beneficiaries can complete the process through SUBHADRA Mobile application by providing their Aadhaar number.
h. A beneficiary may choose to opt out of SUBHADRA thereby passing on the benefit to support the empowerment and well-being of her fellow sisters in Odisha through the SUBHADRA Portal.

## 7. REQUIREMENTS TO RECEIVE BENEFIT UNDER SUBHADRA

a. Those women who are eligible and have applied for receiving benefits under SUBHADRA would have to ensure the following:
   i. They must have Aadhaar card / Aadhaar number in their own name.
   ii. They must have linked their mobile number with the Aadhaar card.
   iii. They must have a single-holder bank account that is Aadhaar-enabled and DBT-enabled.
b. If the applicant does not have an Aadhaar number or there is data mismatch in her Aadhaar card, she will be required to enrol herself under Aadhaar or correct the information, as required.
c. If the applicant does not have a single-holder Aadhaar-enabled & DBT-enabled bank account, she would be provided an opportunity for (a) opening a single holder bank account, (b) making the bank account Aadhaar-enabled, (c) making the bank account DBT-enabled and (d) completing the process for e-KYC.
d. In 2024-25, all beneficiaries would receive the full benefit of Rs. 10,000 under SUBHADRA from the date of launch of the scheme, regardless of the date of approval.

## 8. RESPONSIBILITIES OF THE APPLICANTS / BENEFICIARIES

All applicants / beneficiaries would be required to accept the obligations under SUBHADRA, as given below.

a. To ensure efficient and transparent disbursement of benefits, applicants are required to complete the process of opening a single holder bank account, enabling it for Aadhaar payment bridge system, direct benefit transfer (DBT), and ensuring completing the formalities for electronic Know Your Customer (e-KYC).
b. Applicants must provide accurate and truthful information during the application process. If it is discovered at any point that a beneficiary was ineligible for the benefit, immediate termination of the benefit, recovery of any disbursed benefits, and legal or administrative actions for fraud will be undertaken.
c. In the unfortunate instance of demise of an approved beneficiary, the assistance approved shall be declared void, and the undisbursed benefit cannot be claimed on behalf of the deceased.
d. The beneficiary/applicants may choose to opt out of the Scheme on SUBHADRA Portal, as and when they become ineligible such as on getting employed in a Government job, improvement of economic condition of the household, etc.
e. The beneficiaries are encouraged to undertake higher number of transactions through online mode to enable them to receive further incentives as illustrated in para 3(f).
f. By applying under SUBHADRA or not opting out, the applicant agrees to provide consent for the use of their personal data, including Aadhaar by the scheme authorities for monitoring and evaluation purposes.
g. In case of any overpayment due to administrative errors, beneficiaries are obligated to repay the excess amount on their own volition or as soon as it is identified and communicated to them by the authorities.

## 9. MONITORING & EVALUATION MECHANISM

The scheme will be monitored through a robust monitoring and evaluation mechanism designed to ensure efficient delivery of benefits, compliance with the Scheme's guidelines, and to measure the overall impact, effectiveness, and reach of the scheme.

### 9.1. Steering and Monitoring Committees

a. A State Level Steering and Monitoring Committee (SLSMC) will be established to oversee the effective implementation of the Scheme.
b. The SLSMC will review, monitor, and advise on policy matters and matters relating to the implementation of the Scheme, strengthen the coordination and convergence between concerned departments, consider the bottlenecks faced during the implementation of the scheme and suggest modifications required for improving the outcomes.
c. The composition of the committee will be as follows: -

| | |
|---|---|
| Chief Secretary | Chairperson |
| DC-cum-ACS | Vice Chairperson |
| Secretary, Finance Department | Member |
| Secretary, DWCD | Member |
| Secretary, Panchayati Raj & DW Department | Member |



Fautpate

| | |
|---|---|
| Secretary, Information & Public Relations Department | Member |
| Secretary, E & IT Department | Member |
| Secretary, Food Supplies & Consumer Welfare Dept. | Member |
| Secretary, Mission Shakti | Member |
| Secretary, Department of Housing & Urban Development | Member |
| Director, ICDS & SW | Member |
| Member Convener, SLBC | Member |
| One representative from a civil society organization nominated by the Chairperson | Member |
| One representative from an academic institution nominated by the Chairperson | Member |
| One eminent woman professional nominated by the Chairperson | Member |
| State Nodal Officer, SUBHADRA | Member Secretary |
| The Committee may invite any individual or organization to its meetings, as and when there is a requirement. | |

d. At the district level, District Level Monitoring Committee (DLMC) shall be established which will be responsible for the overall supervision and implementation of the scheme. The committee will include the following:
   i. Collector & District Magistrate (Chairperson)
   ii. Additional District Magistrate (ADM)
   iii. Chief Development Officer (CDO) cum Executive Officer (EO) Zila Parishad
   iv. Civil Supplies Officer
   v. District Agriculture Officer
   vi. District Social Security Officer
   vii. District Social Welfare Officer (Member Convener)
   viii. Lead District Manager and
   ix. Three Non-Official Members from Civil Society Organization nominated by the Chairperson.

e. At the block level, Block Level Scrutiny Committee (BLMC) shall be established which will be responsible for the overall supervision and implementation of the scheme. The committee will include the following:
   i. Block Development Officer (Chairperson)
   ii. Tehsildar
   iii. Marketing Inspector
   iv. Block Social Security Officer
   v. Child Development Project Officer (Member Convener)
   vi. 2 Bankers with service area in the Block and
   vii. Any other official as nominated by the Chairperson.

f. At the Municipalities and Municipal Corporation level, Municipal Level Scrutiny Committee (MLSC) would be established which would be responsible for the overall supervision and implementation of the scheme. The committee will include the following:
   i. Municipal Commissioner (Chairperson)
   ii. Project Director, District Urban Development Agency

iii. Deputy Commissioner
iv. Community Organizer
v. Child Development Project Officer (Member Convener)
vi. Two civil society representatives nominated by the Chairperson
vii. 2 Bankers within the service area
viii. Any other official the Chairperson deems fit

g. In Urban Local Bodies (ULB), a ULB Level Scrutiny Committee (ULSC) would be established which would be responsible for the overall supervision and implementation of the scheme. The committee will include the following:
   i. Executive Officer (Chairperson)
   ii. Tehsildar
   iii. Marketing Inspector
   iv. Block Social Security Officer
   v. CDPO (Member Convener)
   vi. 2 Bankers with service area in the ULB and
   vii. Any other official as nominated by the Chairperson

### 9.2. SUBHADRA Society

a. A Society registered under the Societies Registration Act, 1860 at State Level will be set up in the DWCD. The Society shall be headed by the Chief Secretary / DC-cum-ACS to the Government (senior officer in charge of the Department.)
b. The Society will be tasked with the responsibility of overall implementation, monitoring and evaluation of the Scheme. The Society would set up a State Level Project Monitoring Unit (SPMU) and also provide support at the District and Corporation level for successful implementation of SUBHADRA. The Society would be empowered to take all necessary steps for seamless and successful implementation of the Scheme by, inter alia, hiring of manpower, providing requisite logistical support, undertaking IEC activities, evaluation and feedback etc.
c. The expenses of the Society would be met from the administrative contingency under the scheme.

### 9.3. Periodic Evaluation

DWCD will undertake periodic evaluation of the Scheme through third-party agencies and reputed universities / research institutions / eminent organisations would be engaged to undertake concurrent evaluation or studies on the implementation of the Scheme.

## 10. GRIEVANCE

To provide a quick and people-friendly mechanism for receiving people's grievances and satisfactorily responding to them, the following measures would be adopted.

a. There would be a grievance redressal system on SUBHADRA Portal, integrated with the Jana Sunani Portal.
b. A centralized call centre would be made operational for grievance redressal, collection of feedback and information dissemination.
c. SUBHADRA Shibira (grievance camps) would also be conducted at the District, Corporation, Block and ULB level to address the people's problems.
d. All grievances shall be received and disposed of in a time bound manner to provide relief to the people.

## 11. TRANSPARENCY INITIATIVES UNDER SUBHADRA

To foster trust and confidence among the people of Odisha, several comprehensive transparency measures have been integrated into SUBHADRA:

a. SUBHADRA Portal will provide real-time updates on policy changes, status on instalments credited to beneficiary accounts, status of applications and other relevant information.
b. A detailed and easy-to-navigate FAQ section will be included on SUBHADRA Portal. This section will address common queries and provide straightforward answers, making it easier for users to understand the policy's provisions and application process.
c. All documents related to SUBHADRA would be available in Odia and English. SUBHADRA portal will also be available in both languages.
d. To address queries of the applicants, the Government will establish a helpline which will provide resolution to different issues that the applicants may face. The helpline will also incorporate AI technology to ensure efficient, accurate, and prompt responses to inquiries 24x7 so that no query raised by the beneficiaries goes unaddressed.
e. A centralized call centre would be made operational for grievance redressal, collection of feedback and information dissemination.
f. A robust public grievance redressal system linked to Jana Sunani Portal would help to address any issues or concerns raised by beneficiaries/applicants. SUBHADRA Shibira (grievance camps) would be organised.
g. Regular assessments and feedback collection would be done to ensure that the policy is implemented fairly and efficiently.
h. Regular community outreach & IEC programs will be conducted to educate and inform the public about the policy. Social Media campaigns will be undertaken to educate and encourage beneficiaries about the scheme and to share their stories.
i. A structured feedback mechanism will be established to gather input from applicants / beneficiaries.
j. Any attempt to misguide applicants / employ any fraudulent practices by any agency or individual, would be viewed most seriously and stringent action will be taken.

These transparency initiatives are designed to build trust, encourage active participation, take continuous feedback and ensure that the people of Odisha have clear, accessible, and reliable information about the policy. This would also act as a safeguard against entry of unscrupulous elements in the implementation process.

## 12. NODAL DEPARTMENT

a. DWCD will be the nodal department for SUBHADRA.
b. DWCD would issue periodic instructions and guidelines to enable successful implementation of the scheme.
c. In case there is any dispute, regarding the interpretation of any provision or implementation of this Scheme, the decision of DWCD would be final and binding.

*****

# ଓଡ଼ିଶା ସରକାର
## ମହିଳା ଓ ଶିଶୁ ବିକାଶ ବିଭାଗ

ନଥି ସଂଖ୍ୟା. **WCD-ICDS-M-SCHM-0003-2024** ୧୯୧୯୩ **/WCD,** ତା. ୨୯.୦୮.୨୦୨୪

ପ୍ରେରକ

ଶ୍ରୀ ଜ୍ୟୋତିଶଙ୍କର ମହାପାତ୍ର

ଯୁଗ୍ମ ଶାସନ ସଚିବ

ପ୍ରାପ୍ତେଷୁ

ସମସ୍ତ ଜିଲ୍ଲାପାଳ / ମ୍ୟୁନିସିପାଲିଟି କମିଶନର

**ବିଷୟ : ସୁଭଦ୍ରା ନିର୍ଦ୍ଦେଶାବଳୀ (ଇଂରାଜୀ ଏବଂ ଓଡିଆ ସଂସ୍କରଣ) ପ୍ରେରଣ ସମ୍ବନ୍ଧରେ**

ମହାଶୟା / ମହାଶୟ

ଉପରୋକ୍ତ ପ୍ରସଙ୍ଗରେ ଧ୍ୟାନ ଆକର୍ଷଣପୂର୍ବକ ମୁଁ ନର୍ଦ୍ଦେଶକ୍ରମେ ରାଜ୍ୟର ଏକ ପ୍ରମୁଖ ଯୋଜନା 'ସୁଭଦ୍ରା'- ର ନିର୍ଦ୍ଦେଶାବଳୀ କୁ ଉଭୟ ଇଂରାଜୀ ଓ ଓଡ଼ିଆ ଭାଷାରେ ପ୍ରେରଣ କରୁଛି ।

ଆପଣଙ୍କ ବିଶ୍ୱସ୍ତ

ଯୁଗ୍ମ ଶାସନ ସଚିବ

ଜ୍ଞାପକ ସଂଖ୍ୟା ୧୯୧୯୪ /WCD, ତା ୨୯.୦୮.୨୦୨୪

ଏହାର ଏକାଜିତା ନକଲ ମାନ୍ୟବର ମୁଖ୍ୟମନ୍ତ୍ରୀ / ମାନ୍ୟବର ଉପମୁଖ୍ୟମନ୍ତ୍ରୀ/ ମୁଖ୍ୟ ଶାସନ ସଚିବ/ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ /ଇ ଓ ଆଇଟି ବିଭାଗର ପ୍ରମୁଖ ଶାସନ ସଚିବଙ୍କ ଅବଗତି ନିମନ୍ତେ ମାନ୍ୟବର ମୁଖ୍ୟମନ୍ତ୍ରୀ ଙ୍କ ବ୍ୟକ୍ତିଗତ ସଚିବ / ମାନ୍ୟବର ଉପମୁଖ୍ୟମନ୍ତ୍ରୀ ଙ୍କ ବ୍ୟକ୍ତିଗତ ସଚିବ / ମୁଖ୍ୟ ଶାସନ ସଚିବ ଙ୍କ ବ୍ୟକ୍ତିଗତ ସଚିବ / ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଙ୍କ ବ୍ୟକ୍ତିଗତ ସଚିବ / ଇ ଓ ଆଇଟି ବିଭାଗର ପ୍ରମୁଖ ଶାସନ ସଚିବଙ୍କ ବ୍ୟକ୍ତିଗତ ସଚିବ ଙ୍କୁ ପ୍ରେରଣ କରାଯାଉଛି।

ଯୁଗ୍ମ ଶାସନ ସଚିବ

ଜ୍ଞାପକ ସଂଖ୍ୟା ୧୯୧୯୫ /WCD, ତା ୨୯.୦୮.୨୦୨୪

ଏହାର ଏକାଜିତା ନକଲ ସମସ୍ତ ରାଜସ୍ୱ ଆୟୁକ୍ତ ଙ୍କ ସୂଚନା ପାଇଁ ପ୍ରେରଣ କରାଯାଉଛି।

ଯୁଗ୍ମ ଶାସନ ସଚିବ

ଜ୍ଞାପକ ସଂଖ୍ୟା ୧୯୧୯୬ /WCD, ତା ୨୯.୦୮.୨୦୨୪

ଏହାର ଏକାଜିତା ନକଲ ଜି. ଏମ୍ , ଓକାକ ଙ୍କ ସୂଚନା ପାଇଁ ପ୍ରେରଣ କରାଯାଉଛି।

ଯୁଗ୍ମ ଶାସନ ସଚିବ

ସୁଭଦ୍ରା

## ରାଜ୍ୟର ମହିଳାମାନଙ୍କ କଲ୍ୟାଣ ପାଇଁ
## ଏକ ଅଭିନବ ଯୋଜନା

# ନିର୍ଦ୍ଦେଶାବଳୀ

## ଅଗଷ୍ଟ, ୨୦୨୪

ମହିଳା ଓ ଶିଶୁ ବିକାଶ ବିଭାଗ

# ସୂଚୀପତ୍ର


| କ୍ର.ନଂ | | ବିଷୟବସ୍ତୁ | ପୃଷ୍ଠା |
|---|---|---|---|
| ୧ | | ଉପକ୍ରମ | ୨ |
| ୨ | | ଲକ୍ଷ୍ୟ ଓ ଉଦ୍ଦେଶ୍ୟ | ୨ |
| | ୨.୧ | ଲକ୍ଷ୍ୟ | ୨ |
| | ୨.୨ | ଉଦ୍ଦେଶ୍ୟ | ୩ |
| ୩ | | ସୁଭଦ୍ରା ଅଧୀନରେ ଲାଭ | ୩ |
| ୪ | | ହିତାଧିକାରୀ ଏବଂ ଏହାର ପରିସର | ୪ |
| ୫ | | ଯୋଗ୍ୟ ହିତାଧିକାରୀ | ୪ |
| | ୫.୧ | ଯୋଗ୍ୟତା ମାନଦଣ୍ଡ | ୪ |
| | ୫.୨ | ଅଯୋଗ୍ୟ ମାନଦଣ୍ଡ | ୫ |
| ୬ | | ହିତାଧିକାରୀଙ୍କୁ ଚିହ୍ନଟ | ୭ |
| ୭ | | ସୁଭଦ୍ରା ଅଧୀନରେ ଲାଭ ପାଇବା ପାଇଁ ଆବଶ୍ୟକତା | ୮ |
| ୮ | | ଆବେଦନକାରୀ / ହିତାଧିକାରୀଙ୍କ ଦାୟିତ୍ୱ | ୯ |
| ୯ | | ତଦାରଖ ଏବଂ ମୂଲ୍ୟାଙ୍କନ ପ୍ରକ୍ରିୟା | ୧୦ |
| | ୯.୧ | ପରିଚାଳନା ଏବଂ ତଦାରଖ କମିଟି | ୧୦ |
| | ୯.୨ | ସୁଭଦ୍ରା ସମିତି | ୧୩ |
| | ୯.୩ | ନିୟମିତ ମୂଲ୍ୟାଙ୍କନ | ୧୪ |
| ୧୦ | | ଅଭିଯୋଗ ପ୍ରକ୍ରିୟା | ୧୪ |
| ୧୧ | | ସୁଭଦ୍ରା ଯୋଜନା ଅନ୍ତର୍ଗତ ସ୍ୱଚ୍ଛତା ଓ ପଦକ୍ଷେପ | ୧୫ |
| ୧୨ | | ନୋଡାଲ୍ ବିଭାଗ | ୧୭ |

## ୧. ଉପକ୍ରମ :

କ. ରାଜ୍ୟ ସରକାର କ୍ରମାଗତ ଭାବରେ ନିଜର ଦୃଢ଼ ରାଜନୈତିକ ଇଚ୍ଛାଶକ୍ତି ଦ୍ୱାରା ମହିଳାଙ୍କ ସର୍ବାଙ୍ଗୀନ ଉନ୍ନତିକୁ ସୁଦୃଢ଼ କରିବା ପାଇଁ ପ୍ରତିବଦ୍ଧତା ପ୍ରଦର୍ଶନ କରିଆସୁଛନ୍ତି । ରାଜ୍ୟ ସରକାର ଅନେକ ଗୁରୁତ୍ୱପୂର୍ଣ୍ଣ ଆଇନ, ନୀତି, ଯୋଜନା ଏବଂ କାର୍ଯ୍ୟକ୍ରମ ପ୍ରଣୟନ କରିଛନ୍ତି, ଯାହା ମହିଳାମାନଙ୍କୁ ବିକାଶ କାର୍ଯ୍ୟସୂଚୀରେ ପ୍ରାଥମିକତା ଦେଇଅଛି, ଏବଂ ମୁଖ୍ୟସ୍ରୋତ କୁ ଆଣିଅଛି ଏବଂ ସେମାନଙ୍କୁ ବିକାଶମୂଳକ ଆଲୋଚନାର କେନ୍ଦ୍ରବିନ୍ଦୁ କରିଅଛି । ତଥାପି, ମହିଳାଙ୍କ ପାଇଁ ଉଦ୍ଦିଷ୍ଟ ଅନେକ କ୍ଷେତ୍ର ଯଥେଷ୍ଟ ଧ୍ୟାନ ଆବଶ୍ୟକ କରେ ବୋଲି ବିଭିନ୍ନ ସୂଚକାଙ୍କରୁ ପ୍ରତିପାଦିତ ହୁଏ ।

ଖ. ଏହି ପରିପ୍ରେକ୍ଷୀରେ, ମହିଳାମାନଙ୍କୁ ଆର୍ଥିକ ସଶକ୍ତିକରଣ ତଥା ସେମାନଙ୍କୁ ଏବଂ ସେମାନଙ୍କ ପରିବାରକୁ ସୁରକ୍ଷା ଯୋଗାଇବା ପାଇଁ ରାଜ୍ୟ ସରକାର **"ସୁଭଦ୍ରା"** ନାମରେ ଏକ ପ୍ରମୁଖ କଲ୍ୟାଣକାରୀ ଯୋଜନା ଆରମ୍ଭ କରିଛନ୍ତି । ଏହା ଏକ ବ୍ୟାପକ ପଦକ୍ଷେପ ଯାହା ମହିଳାମାନଙ୍କୁ ସେମାନଙ୍କ ଜୀବନର ଏକାଧିକ ଦିଗରୁ ଉନ୍ନତ କରିବାର ଲକ୍ଷ୍ୟ ରଖିଛି ଏବଂ ସେମାନଙ୍କ ସାମାଜିକ ଓ ଅର୍ଥନୈତିକ ଅବସ୍ଥାକୁ ମଜବୁତ କରିବା ସହିତ, ସଫଳତା ପାଇଁ ଉପକରଣ ଓ ସୁଯୋଗ ଆଦି ଯୋଗାଇବା ଦିଗରେ ସରକାରଙ୍କ ଦୃଢ଼ ସଂକଳ୍ପକୁ ପ୍ରତିପାଦନ କରୁଅଛି ।

## ୨. ଲକ୍ଷ୍ୟ ଓ ଉଦ୍ଦେଶ୍ୟ :

### ୨.୧. ଲକ୍ଷ୍ୟ :

- ଆର୍ଥିକ ସହାୟତା ପ୍ରଦାନ କରି, ମହିଳାମାନଙ୍କର ଅଧିକାର ବିଷୟରେ ସଚେତନତା ସୃଷ୍ଟି କରିବା, ସ୍ୱାସ୍ଥ୍ୟ ଏବଂ ଶିକ୍ଷାଗତ ସ୍ଥିତିରେ ଉନ୍ନତି ଆଣିବା, ଆର୍ଥିକ ସ୍ୱାଧୀନତା ଏବଂ ଉଦ୍ୟମିତା ପ୍ରୋତ୍ସାହିତ କରିବା, ଡିଜିଟାଲ ଆର୍ଥିକ ସାକ୍ଷରତାକୁ ଉତ୍ସାହିତ କରିବା ଏବଂ ବ୍ୟକ୍ତିଗତ ତଥା ବୃତ୍ତିଗତ ଅଭିବୃଦ୍ଧିରେ ସେମାନଙ୍କୁ ସଶକ୍ତ କରିବା ।

## ୨.୨. ଉଦ୍ଦେଶ୍ୟ :

କ. ପରିବାରରେ ମହିଳାମାନଙ୍କ ଆର୍ଥିକ ଏବଂ ସାମାଜିକ ସ୍ଥିତିରେ ଉନ୍ନତି ଆଣିବା ପାଇଁ ସେମାନଙ୍କୁ ଏବଂ ସେମାନଙ୍କ ପରିବାରକୁ ଆର୍ଥିକ ସୁରକ୍ଷା ପ୍ରଦାନ କରିବା ।

ଖ. ମହିଳାଙ୍କ ଅଧିକାର ବିଷୟରେ ସଚେତନତା ସୃଷ୍ଟି କରିବା, ସମାଜର ମୂଲ୍ୟବାନ ସଦସ୍ୟା ଭାବରେ ସେମାନଙ୍କର ଭୂମିକାକୁ ପ୍ରୋତ୍ସାହିତ କରିବା ।

ଗ. ମହିଳା ଏବଂ ସେମାନଙ୍କ ପରିବାର ପାଇଁ ସ୍ୱାସ୍ଥ୍ୟ, ପୁଷ୍ଟି ଏବଂ ଶିକ୍ଷାଗତ ସ୍ଥିତିକୁ ଉନ୍ନତ କରିବା ।

ଘ. ମହିଳାମାନଙ୍କୁ ଆର୍ଥିକ ସ୍ୱାଧୀନତା ଦିଗରେ ଉତ୍ସାହିତ କରି ସେମାନଙ୍କର ଆର୍ଥିକ ସଶକ୍ତିକରଣର ସକ୍ଷମତା ପୂର୍ବକ ଆର୍ଥିକ ଅନ୍ତର୍ଭୁକ୍ତିକୁ ବୃଦ୍ଧି କରିବା ।

ଙ. ମହିଳାମାନଙ୍କୁ ଡିଜିଟାଲ୍ କାରବାର କରିବାକୁ ସୁଯୋଗ ପ୍ରଦାନ କରିବା ସହ ସଶକ୍ତ କରିବା ।

ଚ. ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାରେ, ସେମାନଙ୍କର ପ୍ରଭାବ, ଏବଂ ସ୍ୱାଧୀନ ମତବ୍ୟକ୍ତ ଓ ଯୋଗଦାନରେ ବୃଦ୍ଧି ଘଟାଇ ସେମାନଙ୍କ ବ୍ୟକ୍ତିଗତ ଏବଂ ବୃତ୍ତିଗତ ଅଭିବୃଦ୍ଧି ପାଇଁ ସୁଯୋଗ ସୃଷ୍ଟି କରିବା ।

## ୩. ସୁଭଦ୍ରା ଅଧୀନରେ ଲାଭ :

କ) ପରିଚୟ ଏବଂ ସଶକ୍ତିକରଣର ଭାବନା ସୃଷ୍ଟି କରିବା ପାଇଁ, ସମସ୍ତ ହିତାଧିକାରୀଙ୍କୁ ଏକ ସୁଭଦ୍ରା କାର୍ଡ (ATM-cum-Debit Card) ପ୍ରଦାନ କରାଯିବ ।

ଖ) ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ୫୦,୦୦୦ ଟଙ୍କା ମିଳିବ (ବାର୍ଷିକ ୧୦,୦୦୦ ଟଙ୍କା ହାରରେ ୨୦୨୪-୨୫ ରୁ ୨୦୨୮-୨୯ ପର୍ଯ୍ୟନ୍ତ ୫ ବର୍ଷ ପାଇଁ) ଯଦି ସେମାନେ ପ୍ରତିବର୍ଷ ଯୋଗ୍ୟତା ମାନଦଣ୍ଡ ପୂରଣ କରନ୍ତି ।

ଗ) ବାର୍ଷିକ କିସ୍ତି ୧୦,୦୦୦ ଟଙ୍କାକୁ ୫,୦୦୦ ଟଙ୍କା ଲେଖାଏଁ ଦୁଇଟି କିସ୍ତିରେ ଜମା କରାଯିବ।

ଘ) ପ୍ରତିବର୍ଷ ପ୍ରଥମ କିସ୍ତି ରକ୍ଷା ବନ୍ଧନ ଦିବସ ଏବଂ ଦ୍ୱିତୀୟ କିସ୍ତି ଆନ୍ତର୍ଜାତୀୟ ମହିଳା ଦିବସ (୮ ମାର୍ଚ୍ଚ) ରେ ପ୍ରଦାନ କରାଯିବ ।

ଙ) ଏହି ପରିମାଣ ହିତାଧିକାରୀଙ୍କ ନାମରେ ଆଧାର-ସକ୍ଷମ ଏବଂ DBT- ସକ୍ଷମ ଏକକ-ଧାରକ ବ୍ୟାଙ୍କ ଆକାଉଣ୍ଟରେ ଆଧାର ପେମେଣ୍ଟ ବ୍ରିଜ୍ ସିଷ୍ଟମ (APBS) ବ୍ୟବହାର କରି Direct Benefit Transfer (DBT) ମାଧ୍ୟମରେ ଜମା କରାଯିବ ।

ଚ) ଡିଜିଟାଲ୍ କାରବାରକୁ ଉତ୍ସାହିତ କରିବା ପାଇଁ ସରକାର ଏକ ବ୍ୟାପକ ପୁରସ୍କାର ଏବଂ ସ୍ୱୀକୃତି କାର୍ଯ୍ୟକ୍ରମ ଆରମ୍ଭ କରିବେ । ଏହା ଅଧୀନରେ, ପ୍ରତ୍ୟେକ ଗ୍ରାମ ପଞ୍ଚାୟତ / ପୌରାଞ୍ଚଳ ସଂସ୍ଥାରୁ ୧୦୦ ଜଣ ମହିଳା, ଯେଉଁମାନେ ନିର୍ଦ୍ଦିଷ୍ଟ ଆର୍ଥିକ ବର୍ଷରେ ସର୍ବାଧିକ ସଂଖ୍ୟକ ଡିଜିଟାଲ୍ କାରବାର କରିଥିବେ ସେମାନେ ୫୦୦ ଟଙ୍କାର ଅତିରିକ୍ତ ଲାଭ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟ ଜରିଆରେ ପାଇବେ । ଏଥିପାଇଁ ବିସ୍ତୃତ SOP ପ୍ରସ୍ତୁତ କରାଯାଇ ସୂଚିତ କରାଯିବ ।

## ୪. ହିତାଧିକାରୀ ଏବଂ ଏହାର ପରିସର:

କ. ଏହି ଯୋଜନା ରାଜ୍ୟର ସମସ୍ତ ୩୦ ଟି ଜିଲ୍ଲାରେ କାର୍ଯ୍ୟକାରୀ ହେବ।

ଖ. ଯୋଗ୍ୟତା ମାନଦଣ୍ଡ ପୂରଣ କରୁଥିବା ସମସ୍ତ ମହିଳା ଏହି ଯୋଜନା ଅଧୀନରେ ଅନ୍ତର୍ଭୁକ୍ତ ହେବେ।

## ୫. ଯୋଗ୍ୟ ହିତାଧିକାରୀ :

### ୫.୧. ଯୋଗ୍ୟତା ମାନଦଣ୍ଡ:

ଏହି ଯୋଜନାର ଲାଭ ପାଇବା ପାଇଁ ସମସ୍ତ ମହିଳା ହିତାଧିକାରୀ ନିମ୍ନଲିଖିତ ଯୋଗ୍ୟତା ମାନଦଣ୍ଡ ପୂରଣ କରିବା ଆବଶ୍ୟକ:

କ. ଆବେଦନକାରୀ ଓଡ଼ିଶାର ବାସିନ୍ଦା ହୋଇଥିବା ଆବଶ୍ୟକ ।

ଖ. ଆବେଦନକାରୀ NFSA / SFSS ଅନ୍ତର୍ଭୁକ୍ତ ହୋଇଥିବେ । NFSA / SFSS ରୁ ବଞ୍ଚିତ ଥିବା ପରିବାରର ଜଣେ ମହିଳା ସୁଭଦ୍ରା ଅଧୀନରେ ଆବେଦନ କରି ପାରିବେ, ଯଦି ତାଙ୍କ ପରିବାରର ବାର୍ଷିକ ଆୟ ଟ.୨.୫୦ ଲକ୍ଷରୁ (କେବଳ ଦୁଇ ଲକ୍ଷ ଏବଂ ପଚାଶ ହଜାର ଟଙ୍କା) ଅଧିକ ହୋଇନଥିବ ।

ଗ. ଏହି ଯୋଜନା ଅଧୀନରେ ଯୋଗ୍ୟ ହେବା ପାଇଁ, ଆବେଦନକାରୀଙ୍କ ବୟସ ଧାର୍ଯ୍ୟ ତାରିଖ ଅନୁଯାୟୀ ୨୧ ବର୍ଷ କିମ୍ବା ଅଧିକ ଏବଂ ୬୦ ବର୍ଷରୁ କମ୍ ହେବା ଉଚିତ୍ । ଆଧାର କାର୍ଡରେ ଲିପିବଦ୍ଧ ହୋଇଥିବା ଜନ୍ମ ତାରିଖକୁ ତାଙ୍କ ବୟସ ଗଣନା ପାଇଁ ଗ୍ରହଣ କରାଯିବ।

ଘ. ଆର୍ଥିକ ବର୍ଷ ୨୦୨୪-୨୫ ପାଇଁ ଧାର୍ଯ୍ୟ ତା. ୦୧.୦୭ .୨୦୨୪ ରିଖ ସୁଦ୍ଧା ମହିଳାଙ୍କ ବୟସ ୨୧ ବର୍ଷ କିମ୍ବା ତା'ଠାରୁ ଅଧିକ ଏବଂ ୬୦ ବର୍ଷରୁ କମ୍ ହେବା ଆବଶ୍ୟକ । ତେଣୁ, ଆବେଦନକାରୀଙ୍କ ଜନ୍ମ ତାରିଖ ୦୨.୦୭.୧୯୬୪ ଠାରୁ ୦୧.୦୭.୨୦୦୩ ପର୍ଯ୍ୟନ୍ତ ହେବା ଉଚିତ୍ ।

ଙ. ୨୦୨୪-୨୫ ପାଇଁ ଯଦି ଜଣେ ମହିଳା ୦୧.୦୭.୨୦୨୪ ପରେ ୨୧ ବର୍ଷ ବୟସ ଅତିକ୍ରମ କରିବେ, ତେବେ ଯୋଜନା ଅବଧିର ଅବଶିଷ୍ଟ ବର୍ଷଗୁଡ଼ିକ ପାଇଁ ତାଙ୍କୁ ବାର୍ଷିକ ୧୦,୦୦୦ ଟଙ୍କା ମିଳିବ । ସେହିପରି ଯେଉଁ ମହିଳା ୦୧.୦୭.୨୦୨୪ ପରେ ୬୦ ବର୍ଷ ପୂରଣ କରିବେ ତାଙ୍କୁ ଯୋଜନା ଅବଧିର ଅବଶିଷ୍ଟ ବର୍ଷଗୁଡ଼ିକ ପାଇଁ ଏହି ସହାୟତା ଦିଆଯିବ ନାହିଁ ।

**୫.୨ . ଅଯୋଗ୍ୟ ମାନଦଣ୍ଡ:**

ନିମ୍ନଲିଖିତ ମହିଳାମାନେ ଯୋଗ୍ୟତା ମାନଦଣ୍ଡ ପୂରଣ କରୁଥିଲେ ମଧ୍ୟ, ଏହି ଯୋଜନାର ଲାଭ ପାଇବା ପାଇଁ ଅଯୋଗ୍ୟ ହେବେ:

କ. ଯେଉଁ ମହିଳା ମାସକୁ ମୋଟ ୧୫୦୦ ଟଙ୍କା କିମ୍ବା ତାଠାରୁ ଅଧିକ କିମ୍ବା ବାର୍ଷିକ ମୋଟ ୧୮,୦୦୦ ଟଙ୍କା ବା ତାଠାରୁ ଅଧିକ କୌଣସି ରାଜ୍ୟ କିମ୍ବା କେନ୍ଦ୍ର ସରକାରୀ ସହାୟତା ଯଥା- ପେନସନ, ଛାତ୍ରବୃତ୍ତି ଇତ୍ୟାଦି ଗ୍ରହଣ କରୁଛନ୍ତି ।

ଖ. ଯଦି ଜଣେ ମହିଳା ନିଜେ କିମ୍ବା ତାଙ୍କ କୌଣସି ପରିବାର ସଦସ୍ୟ :

୧. ବର୍ତ୍ତମାନର କିମ୍ବା ପୂର୍ବତନ ସାଂସଦ କିମ୍ବା ବିଧାନସଭା ସଦସ୍ୟ ହୋଇଥିବେ ।

୨. ଆୟକର ଦେଉଥିବେ ।

୩. ଯେ କୌଣସି ସହରାଞ୍ଚଳ ସ୍ୱାୟତ୍ତ ଶାସନ ସଂସ୍ଥା (Urban Local body) କିମ୍ବା ପଞ୍ଚାୟତି ରାଜ ଅନୁଷ୍ଠାନରେ ନିର୍ବାଚିତ ଜନ ପ୍ରତିନିଧି ହୋଇଥିବେ (କେବଳ ୱାର୍ଡ ମେମ୍ବର, ସ୍ଥାନୀୟ ପରିଷଦ (Councillor) ସଦସ୍ୟ ବ୍ୟତୀତ)

୪. ଭାରତ ସରକାର କିମ୍ବା ରାଜ୍ୟ ସରକାରଙ୍କ ଅଧୀନରେ ଥିବା ଯେକୌଣସି ଅଣ୍ଡରଟେକିଂ (undertaking) / ବୋର୍ଡ / ସ୍ଥାନୀୟ ସଂସ୍ଥା (local body) ସଂଗଠନରେ ନିୟମିତ, ସ୍ଥାୟୀ, ଚୁକ୍ତିଭିତ୍ତିକ କର୍ମଚାରୀ ଭାବରେ ନିଯୁକ୍ତ କିମ୍ବା ଅବସର ପରେ ପେନସନ ଗ୍ରହଣ କରୁଥିବେ । ଯଦି ଏହି ଯୋଜନାର ଅନ୍ୟ ସମସ୍ତ ମାନଦଣ୍ଡ ପୂରଣ କରୁଥିବେ, ତେବେ, ପାରିଶ୍ରମିକ ଗ୍ରହଣ କରୁଥିବା ସମସ୍ତ କର୍ମଚାରୀ ଯଥା- ଆଶା, ଅଙ୍ଗନବାଡି କର୍ମୀ, CRP, MBK ଇତ୍ୟାଦି ଏବଂ ଆଉଟସୋର୍ସିଂ ଏଜେନ୍ସି ମାଧ୍ୟମରେ ନିୟୋଜିତ ସମସ୍ତ କର୍ମଚାରୀ ଏହି ଯୋଜନା ଅଧୀନରେ ଯୋଗ୍ୟ ବିବେଚିତ ହେବେ ।

୫. ଯେ କୌଣସି ସରକାରୀ ବିଭାଗ / ଅଣ୍ଡରଟେକିଂ / ବୋର୍ଡ / ଭାରତ ସରକାର କିମ୍ବା ରାଜ୍ୟ ସରକାରଙ୍କର ମନୋନୀତ ପ୍ରତିନିଧୀ ହୋଇଥିବେ ।

୬. ଟ୍ରାକ୍ଟର, ମିନି-ଟ୍ରକ୍, ଛୋଟ ବାଣିଜ୍ୟିକ ଯାନ ଏବଂ ସେହି ଭଳିଆ ହାଲୁକା ସାମଗ୍ରୀ ନେବା ଆଣିବା ପାଇଁ ଉଦ୍ଦିଷ୍ଟ ଯାନ ବ୍ୟତୀତ ଅନ୍ୟ ୪ ଚକିଆ ମୋଟର ଯାନର ମାଲିକ ହୋଇଥିବେ ।

ଗ. ଆବେଦନକାରୀଙ୍କ ପରିବାରର ଜଳସେଚିତ ଜମିର ପରିମାଣ ୫ ଏକରରୁ ଅଧିକ ଓ ଅଣ ଜଳସେଚିତ ଜମିର ପରିମାଣ ୧୦ ଏକରରୁ ଅଧିକ ହୋଇଥିବ ।

(**ବି:ଦ୍ର:** ଏହି ଯୋଜନା ପାଇଁ, ପରିବାରର ସଂଜ୍ଞା କହିଲେ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ / ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା (NFSA / SFSS) ରେ ପରିଭାଷିତ ଥିବା ପରିବାର କୁ ବୁଝାଏ )

**୭. ହିତାଧିକାରୀଙ୍କୁ ଚିହ୍ନଟ:**

କ) ସମସ୍ତ ଯୋଗ୍ୟ ମହିଳା ଆବେଦନକାରୀ ଏହି ଯୋଜନା ଅଧୀନରେ ଲାଭ ପାଇବା ପାଇଁ ଆବେଦନ କରିବା ଆବଶ୍ୟକ ।

ଖ) ଆବେଦନଗୁଡିକ ଏକ ମୁଦ୍ରିତ ଫର୍ମ ପୂରଣକରି ଅଫଲାଇନ୍ ତଥା ସୁଭଦ୍ରା ପୋର୍ଟାଲ୍ ମାଧ୍ୟମରେ ଅନଲାଇନ୍ କରାଯାଇପାରିବ ।

ଗ) ବିଭିନ୍ନ ସ୍ଥାନ ଓ କାର୍ଯ୍ୟାଳୟ ଯଥା- ଅଙ୍ଗନୱାଡି କେନ୍ଦ୍ର, ବ୍ଲକ୍ କାର୍ଯ୍ୟାଳୟ ତଥା ULB କାର୍ଯ୍ୟାଳୟ, ମୋ ସେବା କେନ୍ଦ୍ର, ସାଧାରଣ ସେବା କେନ୍ଦ୍ର ଇତ୍ୟାଦିରେ ପର୍ଯ୍ୟାପ୍ତ ମୁଦ୍ରିତ ଆବେଦନ ଫର୍ମ ମାଗଣାରେ ଉପଲବ୍ଧ ହେବ ।

ଘ) ଆବେଦନକାରୀମାନେ ଫର୍ମ ପୂରଣ କରି ଏହାକୁ ନିକଟସ୍ଥ ମୋ ସେବା କେନ୍ଦ୍ର (MSK) / ସାଧାରଣ ସେବା କେନ୍ଦ୍ର (CSC) ରେ ଦାଖଲ କରିବାକୁ ପଡିବ।

ଙ) ଆବେଦନକାରୀଙ୍କ ଦ୍ଵାରା ଦାଖଲ କରାଯାଇଥିବା ଫର୍ମ ଏବଂ ଆଧାରରେ କୌଣସି ଅସଙ୍ଗତି ଥିଲେ, ଆଧାରରେ ଥିବା ସୂଚନାକୁ ଚୂଡ଼ାନ୍ତ ଭାବେ ଗ୍ରହଣ କରାଯିବ।

ଚ) ସଂଗୃହୀତ ସମସ୍ତ ଆବେଦନକୁ ସରକାରଙ୍କ ପାଖରେ ସଦ୍ୟତମ ଉପଲବ୍ଧ ଡାଟାବେସ୍ ସହିତ ଯାଞ୍ଚ କରାଯିବ ଏବଂ ଆବଶ୍ୟକ ସ୍ଥଳେ କ୍ଷେତ୍ର ଅନୁସନ୍ଧାନ ମାଧ୍ୟମରେ ଯାଞ୍ଚ କରାଯିବ ।

ଛ) ସମସ୍ତ ଆବେଦନକାରୀ **"ସୁଭଦ୍ରା"** ଅଧୀନରେ ଯୋଗ୍ୟ ବିବେଚିତ ହେବାପାଇଁ ନିଜକୁ ନିଜେ ପ୍ରମାଣିତ କରିବେ, ଏଥିପାଇଁ ଆବଶ୍ୟକ ଘୋଷଣାନାମା ଦେବେ ଏବଂ e-KYC



ଶ୍ୟାମସୁନ୍ଦର

ଆବଶ୍ୟକତାକୁ ପୂରଣ କରିବେ । e-KYC ପାଇଁ, ଚେହେରା-ପ୍ରାମାଣିକରଣ (face-authentication) ସବୁଠୁ ପସନ୍ଦଯୋଗ୍ୟ ମାଧ୍ୟମ ହେବ । ହିତାଧିକାରୀମାନେ ସେମାନଙ୍କର ଆଧାର ନମ୍ବର ପ୍ରଦାନ କରି ସୁଭଦ୍ରା ମୋବାଇଲ୍ ଆପ୍ ମାଧ୍ୟମରେ ଏହି ପ୍ରକ୍ରିୟା ସମ୍ପାଦନ କରିପାରିବେ ।

ଜ) ଜଣେ ହିତାଧିକାରୀ ସୁଭଦ୍ର ପୋର୍ଟାଲ ମାଧ୍ୟମରେ ଓଡ଼ିଶାରେ ଥିବା ତାଙ୍କ ସାଥୀ ଓ ଅନ୍ୟ ସମକ୍ଷକ ଭଉଣୀମାନଙ୍କ ସଶକ୍ତିକରଣ ଏବଂ କଲ୍ୟାଣକୁ ସମର୍ଥନ କରିବା ପାଇଁ ସ୍ୱ-ଇଚ୍ଛାରେ ସୁଭଦ୍ରାରୁ ବାହାରିବା ପାଇଁ ଚୟନ କରିପାରିବେ।

**୭. ସୁଭଦ୍ରା ଅଧୀନରେ ଲାଭ ପାଇବା ପାଇଁ ଆବଶ୍ୟକତା :**

କ) ଯେଉଁ ମହିଳାମାନେ ଯୋଗ୍ୟ ଅଟନ୍ତି ଏବଂ ସୁଭଦ୍ରା ଅଧୀନରେ ଲାଭ ପାଇବା ପାଇଁ ଆବେଦନ କରିଛନ୍ତି ସେମାନଙ୍କୁ ନିମ୍ନଲିଖିତ ସର୍ତ୍ତାବଳୀ ସୁନିଶ୍ଚିତ କରିବାକୁ ପଡିବ:

- ସେମାନଙ୍କ ନିଜ ନାମରେ ଆଧାର କାର୍ଡ / ଆଧାର ନମ୍ବର ରହିବା ଆବଶ୍ୟକ।
- ସେମାନେ ନିଶ୍ଚିତ ଭାବରେ ସେମାନଙ୍କର ମୋବାଇଲ୍ ନମ୍ବରକୁ ଆଧାର କାର୍ଡ ସହିତ ଲିଙ୍କ୍ କରିଥିବେ ।
- ସେମାନଙ୍କର ଏକକ-ଧାରକ ବ୍ୟାଙ୍କ ଆକାଉଣ୍ଟ ଥିବା ଆବଶ୍ୟକ ଯାହା ଆଧାର-ସକ୍ଷମ ଏବଂ ସିଧାସଳଖ ଲାଭ ସ୍ଥାନାନ୍ତରଣ (DBT)- ସକ୍ଷମ ଅଟେ ।

ଖ) ଯଦି ହିତାଧିକାରୀଙ୍କ ପାଖରେ ଆଧାର ନମ୍ବର ନାହିଁ କିମ୍ବା ତାଙ୍କ ଆଧାର କାର୍ଡରେ ତଥ୍ୟ ମେଳ ଖାଉନାହିଁ, ତେବେ ତାଙ୍କୁ ଆଧାର ଅଧୀନରେ ନିଜକୁ ପଞ୍ଜୀକରଣ କରିବାକୁ ପଡିବ କିମ୍ବା ଆବଶ୍ୟକ ଅନୁଯାୟୀ ତଥ୍ୟ ସଂଶୋଧନ କରିବାକୁ ପଡିବ।

ଗ) ଯଦି ହିତାଧିକାରୀଙ୍କର ଏକକ ଆଧାର-ସକ୍ଷମ ଏବଂ ଡିବିଟି-ସକ୍ଷମ ବ୍ୟାଙ୍କ ଆକାଉଣ୍ଟ ନାହିଁ, ତେବେ ତାଙ୍କୁ (କ) ଏକକ ଧାରକ ବ୍ୟାଙ୍କ ଆକାଉଣ୍ଟ ଖୋଲିବା, (ଖ) ବ୍ୟାଙ୍କ ଆକାଉଣ୍ଟକୁ ଆଧାର-ସକ୍ଷମ କରିବା, (ଗ) ବ୍ୟାଙ୍କ ଆକାଉଣ୍ଟକୁ ଡିବିଟି-ସକ୍ଷମ କରିବା ଏବଂ (ଘ) e-KYC ପ୍ରକ୍ରିୟା ସମ୍ପୂର୍ଣ୍ଣ କରିବା ପାଇଁ ଏକ ସୁଯୋଗ ପ୍ରଦାନ କରାଯିବ।

ଘ) ୨୦୨୪-୨୫ ଆର୍ଥିକ ବର୍ଷରେ, ଅନୁମୋଦନ ତାରିଖ ନିର୍ବିଶେଷରେ ସମସ୍ତ ହିତାଧିକାରୀ ଯୋଜନାର ଶୁଭାରମ୍ଭ ତାରିଖ ଠାରୁ ସୁଭଦ୍ରା ଅଧୀନରେ ୧୦,୦୦୦ ଟଙ୍କାର ସମ୍ପୂର୍ଣ୍ଣ ଲାଭ ପାଇବେ ।

## ୮. ଆବେଦନକାରୀ / ହିତାଧିକାରୀଙ୍କ ଦାୟିତ୍ୱ :

ସମସ୍ତ ଆବେଦନକାରୀ / ହିତାଧିକାରୀଙ୍କୁ ନିମ୍ନରେ ଦିଆଯାଇଥିବା ସୁଭଦ୍ରା ଅଧୀନରେ ଥିବା ଦାୟିତ୍ୱ ଗ୍ରହଣ କରିବାକୁ ପଡିବ ।

କ) ଲାଭଗୁଡିକର ଦକ୍ଷ ଏବଂ ସ୍ୱଚ୍ଛ ସ୍ଥାନାନ୍ତରଣ ନିଶ୍ଚିତ କରିବାକୁ, ହିତାଧିକାରୀମାନଙ୍କୁ ଏକକ ଧାରକ ବ୍ୟାଙ୍କ ଆକାଉଣ୍ଟ ଖୋଲିବା, ଏହାକୁ ଆଧାର ପେମେଣ୍ଟ ବ୍ରିଜ ସିଷ୍ଟମ (ABPS) ଏବଂ ସିଧାସଳଖ ଲାଭ ସ୍ଥାନାନ୍ତର (DBT) ପାଇଁ ସକ୍ଷମ କରିବା ଓ ଆନୁଷ୍ଠାନିକ ଭାବେ ଇଲେକ୍ଟ୍ରୋନିକ୍ ଗ୍ରାହକ (e-KYC) ସୁନିଶ୍ଚିତ କରିବାକୁ ହେବ ।

ଖ) ହିତାଧିକାରୀମାନେ ଆବେଦନ ପ୍ରକ୍ରିୟା ସମୟରେ ସଠିକ୍ ଏବଂ ନିର୍ଭୁଲ ସୂଚନା ପ୍ରଦାନ କରିବା ଜରୁରୀ । ଯଦି ଯେକୌଣସି ସମୟରେ ହିତାଧିକାରୀ ଅଯୋଗ୍ୟ ପ୍ରମାଣିତ ହୁଅନ୍ତି, ତୁରନ୍ତ ଲାଭର ସମାପ୍ତ କରି ଦିଆଯାଇଥିବା ଲାଭ ପୁନରୁଦ୍ଧାର ଏବଂ ଠକେଇ ପାଇଁ ଆଇନଗତ ଓ ପ୍ରଶାସନିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ଗ) ଯଦି ଅନୁମୋଦିତ ହିତାଧିକାରୀ ଦୁର୍ଭାଗ୍ୟଜନକ ଘଟଣାରେ ମୃତ ଘୋଷିତ ହୁଅନ୍ତି, ତେବେ ଅନୁମୋଦିତ ସହାୟତା ବାତିଲ କରାଯାଇ ମୃତ ବ୍ୟକ୍ତିଙ୍କ ନାମରେ ଦିଆଯାଉଥିବା ଲାଭ ଦାବି କରାଯାଇପାରିବ ନାହିଁ ।

ଘ) ହିତାଧିକାରୀ / ଆବେଦନକାରୀମାନେ ସୁଭଦ୍ରା ପୋର୍ଟାଲରେ ଯୋଜନାରୁ ନିଜକୁ ବାଦ ଦେବାପାଇଁ ଚୟନ କରିପାରିବେ, ଯେତେବେଳେ ସେମାନେ ଅଯୋଗ୍ୟ ହୁଅନ୍ତି, ଯେପରିକି ସରକାରୀ ଚାକିରିରେ ନିଯୁକ୍ତି ପାଇବା, ଘରର ଆର୍ଥିକ ସ୍ଥିତିର ଉନ୍ନତି ଇତ୍ୟାଦି ।



ସ୍ୱାକ୍ଷର (ହସ୍ତଲିଖିତ)

ଙ) ହିତାଧିକାରୀମାନଙ୍କୁ ପାରା ୩(ଚ) ରେ ବର୍ଣ୍ଣିତ ଅଧିକ ପ୍ରୋତ୍ସାହନ ରାଶି ପାଇବାକୁ ସକ୍ଷମ କରାଇବା ପାଇଁ ଅନଲାଇନ୍ ମାଧ୍ୟମରେ ଅଧିକ ସଂଖ୍ୟକ କାରବାର କରିବାକୁ ଉତ୍ସାହିତ କରାଯିବ ।

ଚ) ସୁଭଦ୍ରା ଅଧୀନରେ ଆବେଦନ କରି କିମ୍ବା ଚୟନ ନକରି, ହିତାଧିକାରୀ ଯୋଜନା କର୍ତ୍ତୃପକ୍ଷଙ୍କ ଦ୍ୱାରା ତଦାରଖ ଏବଂ ମୂଲ୍ୟାଙ୍କନ ଉଦ୍ଦେଶ୍ୟରେ ଆଧାର ସମେତ ସେମାନଙ୍କର ବ୍ୟକ୍ତିଗତ ତଥ୍ୟର ବ୍ୟବହାର ପାଇଁ ସମ୍ମତି ପ୍ରଦାନ କରିବାକୁ ପଡିବ ।

ଛ) ପ୍ରଶାସନିକ ତ୍ରୁଟି ହେତୁ କୌଣସି ଅଧିକ ଦେୟ ପ୍ରଦାନ କ୍ଷେତ୍ରରେ, ହିତାଧିକାରୀମାନେ ନିଜ ଇଚ୍ଛାରେ କିମ୍ବା କର୍ତ୍ତୃପକ୍ଷଙ୍କ ଦ୍ୱାରା ଚିହ୍ନଟ ହେବା ପରେ ଏବଂ ସେମାନଙ୍କୁ ଯୋଗାଯୋଗ କରାଯିବା ମାତ୍ରେ ଅତିରିକ୍ତ ଅର୍ଥ ରାଶି ଫେରସ୍ତ କରିବାକୁ ବାଧ୍ୟ ହେବେ ।

## ୯. ତଦାରଖ ଏବଂ ମୂଲ୍ୟାଙ୍କନ ପ୍ରକ୍ରିୟା :

ସୁବିଧାଗୁଡ଼ିକର ଦକ୍ଷ ବିତରଣ, ଯୋଜନାର ନିର୍ଦ୍ଦେଶାବଳୀର ଅନୁପାଳନ ଏବଂ ଯୋଜନାର ସାମଗ୍ରିକ ପ୍ରଭାବ, ପ୍ରଭାବଶୀଳତା ଏବଂ ପ୍ରସାରକୁ ମାପ କରିବା ପାଇଁ ଡିଜାଇନ୍ ହୋଇଥିବା ଏକ ଦୃଢ଼ ତଦାରଖ ଏବଂ ମୂଲ୍ୟାଙ୍କନ ପ୍ରଣାଳୀ ମାଧ୍ୟମରେ ଏହି ଯୋଜନାର ତଦାରଖ କରାଯିବ।

## ୯.୧. ପରିଚାଳନା ଏବଂ ତଦାରଖ କମିଟି :

କ) ଏହି ଯୋଜନାର ପ୍ରଭାବଶାଳୀ କାର୍ଯ୍ୟକାରିତାକୁ ତଦାରଖ କରିବା ପାଇଁ ରାଜ୍ୟସ୍ତରରେ ଏକ ରାଜ୍ୟ ସ୍ତରୀୟ ପରିଚାଳନା ଏବଂ ତଦାରଖ କମିଟି (SLSMC) ଗଠନ କରାଯିବ।

ଖ) ରାଜ୍ୟ ସ୍ତରରେ ରାଜ୍ୟ ସ୍ତରୀୟ ପରିଚାଳନା ଏବଂ ତଦାରଖ କମିଟି (SLSMC) ଏହି ଯୋଜନାର କାର୍ଯ୍ୟାନ୍ୱୟନ ସମ୍ବନ୍ଧୀୟ ନୀତିଗତ ବିଷୟ ଏବଂ ବିଷୟଗୁଡ଼ିକର ସମୀକ୍ଷା, ତଦାରଖ ଏବଂ ପରାମର୍ଶ ପ୍ରଦାନ କରିବ, ସମ୍ପୃକ୍ତ ବିଭାଗଗୁଡ଼ିକ ମଧ୍ୟରେ

ସମନ୍ୱୟକୁ ସୁଦୃଢ଼ କରିବ, ଯୋଜନାର କାର୍ଯ୍ୟାନ୍ୱୟନ ସମୟରେ ସମ୍ମୁଖୀନ ହେଉଥିବା ବାଧାଗୁଡ଼ିକ ଉପରେ ବିଚାର କରିବ ଏବଂ ଫଳାଫଳକୁ ଉନ୍ନତ କରିବା ପାଇଁ ଆବଶ୍ୟକ ସଂଶୋଧନ ପ୍ରସ୍ତାବ ଦେବ।

ଗ) କମିଟିରେ ନିମ୍ନଲିଖିତ ଅଧିକାରୀ ମାନେ ସଦସ୍ୟା / ସଦସ୍ୟ ରହିବେ : -

| | |
|---|---|
| ମୁଖ୍ୟ ଶାସନ ସଚିବ | ଅଧ୍ୟକ୍ଷ |
| ଉନ୍ନୟନ କମିଶନର – ତଥା – ଅତିରିକ୍ତ ମୁଖ୍ୟ ଶାସନ ସଚିବ | ଉପାଧ୍ୟକ୍ଷ |
| ପ୍ରମୁଖ ସଚିବ / ସଚିବ, ଅର୍ଥ ବିଭାଗ | ସଦସ୍ୟ |
| ପ୍ରମୁଖ ସଚିବ / ସଚିବ, ମହିଳା ଓ ଶିଶୁ ବିକାଶ ବିଭାଗ | ସଦସ୍ୟ |
| ପ୍ରମୁଖ ସଚିବ / ସଚିବ, ପଞ୍ଚାୟତି ରାଜ ଏବଂ ପାନୀୟଜଳ ବିଭାଗ | ସଦସ୍ୟ |
| ପ୍ରମୁଖ ସଚିବ / ସଚିବ, ସୂଚନା ଏବଂ ଲୋକ ସମ୍ପର୍କ ବିଭାଗ | ସଦସ୍ୟ |
| ପ୍ରମୁଖ ସଚିବ / ସଚିବ, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ବିଭାଗ | ସଦସ୍ୟ |
| ପ୍ରମୁଖ ସଚିବ / ସଚିବ, ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ ବିଭାଗ | ସଦସ୍ୟ |
| ପ୍ରମୁଖ ସଚିବ / ସଚିବ, ମିଶନ ଶକ୍ତି ବିଭାଗ | ସଦସ୍ୟ |
| ପ୍ରମୁଖ ସଚିବ / ସଚିବ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ | ସଦସ୍ୟ |
| ନିର୍ଦ୍ଦେଶକ, ସମନ୍ୱିତ ଶିଶୁ ବିକାଶ ସେବା ଓ ସମାଜ କଲ୍ୟାଣ | ସଦସ୍ୟ |
| ସଦସ୍ୟ ଆବାହକ, ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟି (SLBC) | ସଦସ୍ୟ |
| ଅଧ୍ୟକ୍ଷଙ୍କ ଦ୍ୱାରା ମନୋନୀତ ହୋଇଥିବା ସିଭିଲ୍ ସୋସାଇଟି ସଂଗଠନର ଜଣେ ପ୍ରତିନିଧୀ | ସଦସ୍ୟ |
| ଅଧ୍ୟକ୍ଷଙ୍କ ଦ୍ୱାରା ମନୋନୀତ ଏକ ଶିକ୍ଷାନୁଷ୍ଠାନର ଜଣେ ପ୍ରତିନିଧି | ସଦସ୍ୟ |
| ଅଧ୍ୟକ୍ଷଙ୍କ ଦ୍ୱାରା ମନୋନୀତ ଜଣେ ପ୍ରତିଷ୍ଠିତ ବୃତ୍ତିଗତ ମହିଳା | ସଦସ୍ୟା |
| ରାଜ୍ୟ ନୋଡାଲ ଅଧିକାରୀ, ସୁଭଦ୍ରା ଯୋଜନା | ସଦସ୍ୟ ସଚିବ |
| ଏତଦ ବ୍ୟତୀତ, ଆବଶ୍ୟକତା ଅନୁଯାୟୀ ଏହି କମିଟି ଯେକୌଣସି ବ୍ୟକ୍ତି କିମ୍ବା ସଂଗଠନକୁ ଏହାର ବୈଠକକୁ ନିମନ୍ତ୍ରଣ କରିପାରିବ । | |

ଘ) ଜିଲ୍ଲା ସ୍ତରରେ ଜିଲ୍ଲା ସ୍ତରୀୟ ତଦାରଖ କମିଟି (DLMC) ଗଠନ କରାଯିବ ଯାହା ଏହି ଯୋଜନାର ସାମଗ୍ରିକ ତଦାରଖ ଏବଂ କାର୍ଯ୍ୟକାରିତା ପାଇଁ ଦାୟୀ ରହିବ । ଉକ୍ତ କମିଟିରେ ନିମ୍ନଲିଖିତ ସଦସ୍ୟମାନଙ୍କୁ ଅନ୍ତର୍ଭୁକ୍ତ କରାଯିବ:

୧. ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ୍ (ଅଧ୍ୟକ୍ଷ)
୨. ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ୍ (ଏଡିଏମ୍)
୩. ମୁଖ୍ୟ ବିକାଶ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ (CDO-cum-EO)
୪. ଜିଲ୍ଲା ଖାଉଟି ଯୋଗାଣ ଅଧିକାରୀ
୫. ଜିଲ୍ଲା କୃଷି ଅଧିକାରୀ
୬. ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ
୭. ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ (ସଦସ୍ୟ ଆବାହକ)
୮. ମୁଖ୍ୟ ଜିଲ୍ଲା ପରିଚାଳକ (LDM) ଏବଂ
୯. ଅଧ୍ୟକ୍ଷଙ୍କ ଦ୍ୱାରା ମନୋନୀତ ହୋଇଥିବା ତିନିଜଣ ଅଣ-ସରକାରୀ ସିଭିଲ୍ ସୋସାଇଟି ସଂଗଠନର ସଦସ୍ୟ

ଙ) ବ୍ଲକ ସ୍ତରରେ ବ୍ଲକ ସ୍ତରୀୟ ଯାଞ୍ଚ କମିଟି (BLSC) ଗଠନ କରାଯିବ ଯାହା ଏହି ଯୋଜନାର ସାମଗ୍ରିକ ତଦାରଖ ଏବଂ କାର୍ଯ୍ୟକାରିତା ପାଇଁ ଦାୟୀ ରହିବେ । ଉକ୍ତ କମିଟିରେ ନିମ୍ନଲିଖିତ ସଦସ୍ୟମାନଙ୍କୁ ଅନ୍ତର୍ଭୁକ୍ତ କରାଯିବ:

୧. ବ୍ଲକ ଉନ୍ନୟନ ଅଧିକାରୀ (ଅଧ୍ୟକ୍ଷ)
୨. ତହସିଲଦାର
୩. ବ୍ଲକ ଯୋଗାଣ ଅଧିକାରୀ
୪. ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ
୫. ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ (ସଦସ୍ୟ ଆବାହକ)
୬. ବ୍ଲକରେ ସେବା କ୍ଷେତ୍ରରୁ ୨ ଜଣ ବ୍ୟାଙ୍କର୍ ଏବଂ
୭. ଅଧ୍ୟକ୍ଷଙ୍କ ଦ୍ୱାରା ମନୋନୀତ ହୋଇଥିବା ଅନ୍ୟ କୌଣସି ଅଧିକାରୀ ।

ଚ) ପୌରପାଳିକା ଏବଂ ନଗର ନିଗମ ସ୍ତରରେ, ପୌର ସ୍ତରୀୟ ଯାଞ୍ଚ କମିଟି (MLSC) ଗଠନ କରାଯିବ, ଯାହା ଏହି ଯୋଜନାର ସାମଗ୍ରିକ ତଦାରଖ ଏବଂ କାର୍ଯ୍ୟକାରିତା ପାଇଁ ଦାୟୀ ରହିବେ । କମିଟିରେ ନିମ୍ନଲିଖିତ ସଦସ୍ୟ ମାନଙ୍କୁ ଅନ୍ତର୍ଭୁକ୍ତ କରାଯିବ:

୧. ମୁନିସିପାଲ କମିଶନର (ଅଧ୍ୟକ୍ଷ)

୨. ପ୍ରକଳ୍ପ ନିର୍ଦ୍ଦେଶକ, ଜିଲ୍ଲା ସହରାଞ୍ଚଳ ବିକାଶ ସଂସ୍ଥା (DUDA)

୩. ଡେପୁଟି କମିଶନର

୪. କମ୍ୟୁନିଟି ସଂଗଠକ

୫. ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ (CDPO) (Member Convener)

୬. ଅଧ୍ୟକ୍ଷଙ୍କ ଦ୍ୱାରା ମନୋନୀତ ହୋଇଥିବା ଦୁଇ ଜଣ ସିଭିଲ୍ ସୋସାଇଟି ସଂଗଠନର ସଦସ୍ୟ

୭. ସେବା କ୍ଷେତ୍ର ମଧରେ 2 ବ୍ୟାଙ୍କର୍

୮. ଅଧ୍ୟକ୍ଷଙ୍କ ଦ୍ୱାରା ଉପଯୁକ୍ତ ମନେହେଉଥିବା ଯେକୌଣସି ଅଧିକାରୀ

ଛ) ସହରାଞ୍ଚଳ ସ୍ଥାନୀୟ ସଂସ୍ଥା (ULB) ରେ ଏକ ସହରାଞ୍ଚଳ ସ୍ତରୀୟ ଯାଞ୍ଚ କମିଟି (ULSC) ଗଠନ କରାଯିବ ଯାହା ଯୋଜନାର ସାମଗ୍ରିକ ତଦାରଖ ଏବଂ କାର୍ଯ୍ୟକାରିତା ପାଇଁ ଦାୟୀ ରହିବେ । କମିଟିରେ ନିମ୍ନଲିଖିତ ସଦସ୍ୟ ମାନଙ୍କୁ ଅନ୍ତର୍ଭୁକ୍ତ କରାଯିବ:

୧. କାର୍ଯ୍ୟନିର୍ବାହୀ ଅଧିକାରୀ କିମ୍ବା କମିଶନର (ଅଧ୍ୟକ୍ଷ)

୨. ତହସିଲଦାର

୩. ମାର୍କେଟିଂ ଇନ୍ସପେକ୍ଟର

୪. ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ

୫. ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ (ସଦସ୍ୟ ଆବାହକ)

୬. ପୌରାଞ୍ଚଳ ସେବା କ୍ଷେତ୍ରରୁ ୨ ଜଣ ବ୍ୟାଙ୍କର୍ ଏବଂ

୭. ଅଧ୍ୟକ୍ଷଙ୍କ ଦ୍ୱାରା ମନୋନୀତ ହୋଇଥିବା ଅନ୍ୟ କୌଣସି ଅଧିକାରୀ

**୯.୨. ସୁଭଦ୍ରା ସମିତି :**

କ. ସାମାଜିକ ପଞ୍ଜୀକରଣ ଆଇନ- ୧୮୬୦ ଅନୁଯାୟୀ ଏକ ସମିତି ଓଡିଶା ରାଜ୍ୟ ମହିଳା ଏବଂ ଶିଶୁ ବିକାଶ ବିଭାଗ ଅଧୀନରେ ଗଠନ ହେବ । ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ ସମିତି ମୁଖ୍ୟ ଶାସନ ସଚିବ / ଉନ୍ନୟନ କମିଶନର – ତଥା – ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ମାର୍ଗଦର୍ଶିକା ରେ କାର୍ଯ୍ୟ କରିବ।

ଖ. ଯୋଜନାର ସାମୁହିକ କାର୍ଯ୍ୟକାରିତା ଓ ନିରୀକ୍ଷଣ ତଥା ମୂଲ୍ୟାୟନ ପାଇଁ ସୋସାଇଟିକୁ ଦାୟିତ୍ୱ ଦିଆଯିବ । ଏଥିପାଇଁ ଏକ ରାଜ୍ୟ ସ୍ତରୀୟ ତଦାରଖ ୟୁନିଟ୍ (SPMU) ପ୍ରତିଷ୍ଠା ହେବ ଯାହା ସୁଭଦ୍ରାର ସଫଳ ରୂପାୟନ ପାଇଁ ଜିଲ୍ଲା ଏବଂ କର୍ପୋରେସନ (Corporation) ସ୍ତରରେ ମଧ ସହାୟତା ଯୋଗାଇଦେବ । ଏହି ଯୋଜନାର ନିରବିଚ୍ଛିନ୍ନ ତଥା ସଫଳ ରୂପାୟନ ପାଇଁ ସମସ୍ତ ଆବଶ୍ୟକ ପଦକ୍ଷେପ ନେବାକୁ ସୋସାଇଟି କ୍ଷମତା ପ୍ରାପ୍ତ ହେବ, ଯଥା- ମାନବ ସମ୍ବଳର ନିଯୁକ୍ତି, ଆବଶ୍ୟକ ଲଜିଷ୍ଟିକ୍ (logistic) ସହାୟତା ପ୍ରଦାନ, IEC କାର୍ଯ୍ୟକଳାପ, ମୂଲ୍ୟାଙ୍କନ କରିବା ଇତ୍ୟାଦି ।

ଗ. ଏହି ଯୋଜନା ଅନ୍ତର୍ଗତ ସମିତିର ଖର୍ଚ୍ଚ ପ୍ରଶାସନିକ ସମ୍ଭାବ୍ୟ ପାଣ୍ଠିରୁ (administrative contingency) ଭରଣା କରାଯିବ ।

**୯.୩. ନିୟମିତ ମୂଲ୍ୟାଙ୍କନ :**

- ତୃତୀୟ-ପକ୍ଷ ସଂସ୍ଥା ମାଧମରେ ମହିଳା ଏବଂ ଶିଶୁ ବିକାଶ ବିଭାଗ ଏହି ଯୋଜନାର ନିୟମିତ ମୂଲ୍ୟାଙ୍କନ କରିବ ଏବଂ ଖ୍ୟାତିସମ୍ପନ୍ନ ବିଶ୍ୱବିଦ୍ୟାଳୟ / ଅନୁସନ୍ଧାନ ପ୍ରତିଷ୍ଠାନ/ ପ୍ରତିଷ୍ଠିତ ସଂଗଠନ ଏହି ଯୋଜନାର କାର୍ଯ୍ୟକାରିତା ଉପରେ ଏକକାଳୀନ ମୂଲ୍ୟାଙ୍କନ କିମ୍ବା ଅଧ୍ୟୟନ ପାଇଁ ନିୟୋଜିତ କରାଯିବ ।

**୧୦. ଅଭିଯୋଗ ପ୍ରକ୍ରିୟା :**

ଲୋକଙ୍କ ଅଭିଯୋଗ ଗ୍ରହଣ କରିବା ଏବଂ ସେମାନଙ୍କୁ ନିୟମାନୁଯାୟୀ ସନ୍ତୋଷଜନକ ଭାବରେ ଧାର୍ଯ୍ୟ ସମୟାନୁସାରେ ଏବଂ ସହଜ ପ୍ରତିକ୍ରିୟା / ସମାଧାନ ଯୋଗାଇବା ବିଭାଗର ପ୍ରୟାସ ରହିବ ।

କ) ଜନ ଶୁଣାଣି ପୋର୍ଟାଲ ସହିତ ଏକୀଭୂତ ହୋଇଥିବା ସୁଭଦ୍ରା ପୋର୍ଟାଲରେ ଏକ ଅଭିଯୋଗ ସମାଧାନ ବ୍ୟବସ୍ଥା କରାଯିବ ।

ଖ) ଅଭିଯୋଗର ସମାଧାନ, ମତାମତ ସଂଗ୍ରହ ଏବଂ ସୂଚନା ବିସ୍ତାର ପାଇଁ ଏକ କେନ୍ଦ୍ରୀୟ କଲ୍ ସେଣ୍ଟର କାର୍ଯ୍ୟକ୍ଷମ କରାଯିବ ।

ଗ) ଲୋକଙ୍କ ସମସ୍ୟାର ସମାଧାନ ପାଇଁ ଜିଲ୍ଲା ତଥା ବ୍ଲକ ସ୍ତରରେ "ସୁଭଦ୍ରା ଶିବିର" (କେବଳ ସୁଭଦ୍ରା ଯୋଜନା ପାଇଁ) ମଧ୍ୟ କରାଯିବ।

ଘ) ଲୋକଙ୍କୁ ଆଶ୍ୱସ୍ତି ଯୋଗାଇବା ପାଇଁ ସମସ୍ତ ଅଭିଯୋଗ ଏକ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଗ୍ରହଣ କରାଯିବ ଏବଂ ଏହାର ଆଶୁ ସମାଧାନ ମଧ୍ୟ କରାଯିବ ।

## ୧୧. ସୁଭଦ୍ରା ଯୋଜନା ଅନ୍ତର୍ଗତ ସ୍ୱଚ୍ଛତା ଓ ପଦକ୍ଷେପ :

ଓଡିଶାର ଲୋକଙ୍କ ମଧ୍ୟରେ ଆସ୍ଥା ଓ ବିଶ୍ୱାସ ବଢାଇବା ପାଇଁ ସୁଭଦ୍ରା ଯୋଜନାରେ ବ୍ୟାପକ ସ୍ୱଚ୍ଛତା ଓ ପଦକ୍ଷେପ ଏକୀଭୂତ ହୋଇଛି:

କ) ସୁଭଦ୍ରା ପୋର୍ଟାଲ ନୀତି ପରିବର୍ତ୍ତନ, ହିତାଧିକାରୀ ଆକାଉଣ୍ଟରେ ଜମା ହୋଇଥିବା କିସ୍ତିର ସ୍ଥିତି, ଆବେଦନଗୁଡ଼ିକର ସ୍ଥିତି ଏବଂ ଅନ୍ୟାନ୍ୟ ଆନୁସଙ୍ଗିକ ସୂଚନା ଉପରେ ଅଦ୍ୟତନ ତଥ୍ୟ ପ୍ରଦାନ କରିବ ।

ଖ) ଏକ ବିସ୍ତୃତ ଏବଂ ସହଜ ବାରମ୍ବାର ପଚରାଯାଉଥିବା ପ୍ରଶ୍ନ (FAQ) ବିଭାଗ "ସୁଭଦ୍ରା ପୋର୍ଟାଲ"ରେ ଅନ୍ତର୍ଭୂକ୍ତ ହେବ । ଏହି ବିଭାଗ ସାଧାରଣ ପ୍ରଶ୍ନଗୁଡିକର ସମାଧାନ କରିବ ଏବଂ ସରଳ ଉତ୍ତର ପ୍ରଦାନ କରିବ, ଯାହା ବ୍ୟବହାରକାରୀଙ୍କୁ ନୀତିର ବ୍ୟବସ୍ଥା ଏବଂ ପ୍ରୟୋଗ ପ୍ରକ୍ରିୟା ବୁଝିବା ପାଇଁ ସହାୟକ ହେବ ।

ଗ) ସୁଭଦ୍ରା ଯୋଜନା ସହିତ ଜଡ଼ିତ ସମସ୍ତ ଦସ୍ତାବିଜ ଓଡ଼ିଆ ଏବଂ ଇଂରାଜୀରେ ଉପଲବ୍ଧ ହେବ । ସୁଭାଦ୍ରା ପୋର୍ଟାଲ ମଧ୍ୟ ଉଭୟ ଭାଷାରେ ଉପଲବ୍ଧ ହେବ ।

ଘ) ହିତାଧିକାରୀମାନଙ୍କ ପ୍ରଶ୍ନର ସମାଧାନ ପାଇଁ ସରକାର ଏକ ହେଲ୍ପଲାଇନ (Helpline) ପ୍ରତିଷ୍ଠା କରିବେ ଯାହାକି ହିତାଧିକାରୀମାନେ ସମ୍ମୁଖୀନ ହେବାକୁ ଥିବା ବିଭିନ୍ନ ସମସ୍ୟାର ସମାଧାନ ପ୍ରଦାନ କରିବ । ଅନୁସନ୍ଧାନରେ ଦକ୍ଷ, ସଠିକ୍ ଏବଂ ତ୍ୱରିତ ସମାଧାନ ନିଶ୍ଚିତ କରିବାକୁ ଏହି ୨୪ x ୭ ହେଲ୍ପଲାଇନରେ AI (କୃତିମ ବୁଦ୍ଧିମତ୍ତା) ଜ୍ଞାନକୌଶଳ ମଧ୍ୟ ଅନ୍ତର୍ଭୁକ୍ତ ହେବ ଯାହାଦ୍ୱାରା ହିତାଧିକାରୀଙ୍କ ଦ୍ୱାରା ଉଠାଯାଇଥିବା ସମସ୍ତ ପ୍ରଶ୍ନର ଉତ୍ତର ଦିଆଯାଇପାରିବ ।

ଙ) ଅଭିଯୋଗର ସମାଧାନ, ମତାମତ ସଂଗ୍ରହ ଏବଂ ସୂଚନା ପ୍ରସାର ପାଇଁ ଏକ କେନ୍ଦ୍ରୀୟ କଲ ସେଣ୍ଟର (Call Centre) କାର୍ଯ୍ୟକ୍ଷମ କରାଯିବ ।

ଚ) ଜନ ଶୁଣାଣି ପୋର୍ଟାଲ ସହିତ ସଂଯୁକ୍ତ ଏକ ଦୃଢ଼ ଜନସାଧାରଣ ଅଭିଯୋଗ ସମାଧାନ ବ୍ୟବସ୍ଥା ହିତାଧିକାରୀଙ୍କ ଦ୍ୱାରା ଉଠାଯାଇଥିବା କୌଣସି ସମସ୍ୟା କିମ୍ବା ସମସ୍ୟାର ସମାଧାନ କରିବାରେ ସହାୟକ ହେବ । ନିୟମିତ ସୁଭଦ୍ରା ଶିବିର (ଅଭିଯୋଗ ଶିବିର) ଆୟୋଜନ କରାଯିବ।

ଛ) ନିୟମିତ ମୂଲ୍ୟାଙ୍କନ ଏବଂ ମତାମତ ସଂଗ୍ରହ ମାଧ୍ୟମରେ ଯୋଜନାର ସଠିକ ଏବଂ ସଫଳ ରୂପାୟନକୁ ନିଶ୍ଚିତ କରାଯିବ ।

ଜ) ନିୟମିତ ଗୋଷ୍ଠୀ ସମ୍ପ୍ରସାରଣ, ସୂଚନା ଶିକ୍ଷା ଏବଂ ଯୋଗାଯୋଗ (IEC) କାର୍ଯ୍ୟକ୍ରମଗୁଡ଼ିକ ମାଧ୍ୟମରେ ନୀତି ବିଷୟରେ ଜନସାଧାରଣଙ୍କୁ ଶିକ୍ଷିତ ତଥା ଅବଗତ କରାଇବା ପାଇଁ ସୁ-ବ୍ୟବସ୍ଥା କରାଯିବ । ଏହି ଯୋଜନା ବିଷୟରେ ହିତାଧିକାରୀମାନଙ୍କୁ ଶିକ୍ଷା ଏବଂ ଉତ୍ସାହିତ କରିବା ତଥା ସେମାନଙ୍କ କାହାଣୀର ସଫଳ ପ୍ରସାର ପାଇଁ ସାମାଜିକ ଗଣମାଧ୍ୟମ (Social Media) ର ଉପଯୋଗ କରାଯିବ ।



[signature]

ଝ)   ହିତାଧିକାରୀଙ୍କ ଠାରୁ ଆସିଥିବା ତଥ୍ୟ ସଂଗ୍ରହ କରିବା ପାଇଁ ଏକ ସଂଗଠିତ ମତାମତ ପ୍ରଣାଳୀ ପ୍ରତିଷ୍ଠା କରାଯିବ ।

ଞ)   ଆବେଦନକାରୀଙ୍କୁ ବିଭ୍ରାନ୍ତ କରିବା / କୌଣସି ସଂସ୍ଥା କିମ୍ବା ବ୍ୟକ୍ତି ବିଶେଷଙ୍କ ଦ୍ୱାରା କୌଣସି ଠକେଇ ଅଭ୍ୟାସ ନିୟୋଜିତ କରିବାର କୌଣସି ପ୍ରୟାସକୁ ଗମ୍ଭୀରତାର ସହ ବିଚାର କରାଯିବ ଏବଂ ନିୟମାନୁଯାୟୀ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ଏହି ସ୍ୱଚ୍ଛତା ପଦକ୍ଷେପଗୁଡ଼ିକ ମାଧ୍ୟମରେ ବିଶ୍ୱାସ ଗଠନ, ସକ୍ରିୟ ଅଂଶଗ୍ରହଣକୁ ଉତ୍ସାହିତ କରିବା, ନିରନ୍ତର ମତାମତ ନେବା ଏବଂ ନୀତି ବିଷୟରେ ଓଡ଼ିଶାର ଲୋକଙ୍କ ପାଇଁ ସ୍ୱଷ୍ଟ, ଉପଲବ୍ଧ ଏବଂ ନିର୍ଭରଯୋଗ୍ୟ ସୂଚନା ସୁନିଶ୍ଚିତ କରିବା ପାଇଁ ପରିକଳ୍ପନା କରାଯାଇଛି । ଏହା ମଧ୍ୟ କାର୍ଯ୍ୟାନ୍ୱୟନ ପ୍ରକ୍ରିୟାରେ ଅସାଧୁ ଉପାଦାନଗୁଡ଼ିକର ପ୍ରବେଶ ବିରୋଧରେ ଏକ ସୁରକ୍ଷାକବଚ ଭାବରେ କାର୍ଯ୍ୟ କରିବ ।

## ୧୨. ପରାମର୍ଶ, ମାର୍ଗଦର୍ଶନ ଓ ତଦାରଖ ବିଭାଗ / ଯୋଗାଯୋଗ ବିଭାଗ (ନୋଡାଲ୍ ବିଭାଗ):

(କ)   ମହିଳା ଓ ଶିଶୁ ବିକାଶ ବିଭାଗ ଏହି ଯୋଜନା ପାଇଁ ନୋଡାଲ ବିଭାଗ ହେବ ।

(ଖ)   ଏହି ଯୋଜନାର ସଫଳ ରୂପାୟନକୁ ସକ୍ଷମ କରିବାକୁ ମହିଳା ଓ ଶିଶୁ ବିକାଶ ବିଭାଗ ନିୟମିତ ବ୍ୟବଧାନରେ ଆଦେଶ ଓ ନିର୍ଦ୍ଦେଶାବଳୀ ଜାରି କରିବ।

ଗ)   ଯଦି ଏହି ଯୋଜନାର ବ୍ୟାଖ୍ୟା କିମ୍ବା କାର୍ଯ୍ୟକାରିତା ସମ୍ବନ୍ଧରେ କୌଣସି ବିବାଦ ଆଏ, ମହିଳା ଓ ଶିଶୁ ବିକାଶ ବିଭାଗର ନିଷ୍ପତ୍ତି ଚୂଡାନ୍ତ ଏବଂ ବାଧ୍ୟତାମୂଳକ ହେବ ।

*****